ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ଫୋନ୍-

MAA TARINI THAKURANI TEMPLE TRUST
At/Po.: Ghatgaon, Dist-Keonjhar-758027 (Odisha)
Phone-

website-www.maatarini.co.in Email- maatarini.ghatgaon@gmail.com

ଚିଠି ନଂ. Letter No.: 444

ତାରିଖ Date: 12.10.2022

# ଚୁକ୍ତିଭିତ୍ତିକ ନିଯୁକ୍ତି ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟରେ ଥିବା ଗାଡି TATA-709 Truck ଓ TATA 407 Truck ନିମନ୍ତେ ୧(ଏକ) ଜଣ ଚୁକ୍ତିଭିତ୍ତିକ ଖଲାସି (ପୁରୁଷ) ନିଯୁକ୍ତି କରାଯିବ । ଏହି କାର୍ଯ୍ୟ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ନିୟମାବଳୀ ଅନୁସାରେ ଆବେଦନ କରିପାରିବେ ।

ଆବେଦନ କରିବାର ଶେଷ ତାରିଖ:- 25.10.2022

**ନିୟମାବଳୀ:-**

୧- ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ୍ ଅନୁସାରେ ଆବେଦନକାରୀ ହିନ୍ଦୁ ସମ୍ପ୍ରଦାୟ ହୋଇଥିବା ଆବଶ୍ୟକ । ଟ୍ରଷ୍ଟବୋର୍ଡରେ ନିଯୁକ୍ତ ଥିବା ସଦସ୍ୟ/କର୍ମଚାରୀଙ୍କର କୌଣସି ସଂପର୍କୀୟ ହୋଇନଥିବେ ।

୨- ଏହି ପଦବୀ ପାଇଁ ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍ ହୋଇଥିବା ଆବଶ୍ୟକ ।

୩- ତା.୦୧.୧୦.୨୦୨୨ରିଖ ସୁଦ୍ଧା ବୟସ ୨୧ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

୪- ମାସିକ ଦରମା ଟ.୬୦୦୦/- ।

୫- ମା'ଙ୍କର ମାନସିକ ନଡିଆ ପରିବହନ କ୍ଷେତ୍ରରେ ସର୍ବଦା କାର୍ଯ୍ୟ କରିବେ, ଏଣୁ ଆବେଦନକାରୀ କୌଣସି ମାଦକ ଦ୍ରବ୍ୟ ସେବନ କରୁନଥିବେ । ଆବଶ୍ୟକ ସ୍ଥଳେ ମନ୍ଦିରର ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବେ ।

୬ - ଆବେଦନକାରୀ ଚୟନ ହେଲେ ନିଯୁକ୍ତି ପୂର୍ବରୁ Police verification ସାର୍ଟିଫିକେଟ୍ ଓ ସ୍ଥାନୀୟ ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ଙ୍କ ଠାରୁ ସତ୍ୟାପାଠ କରି ଦାଖଲ କରିବେ ।

୭ - ଟ୍ରଷ୍ଟବୋର୍ଡ ଚାହିଁଲେ ଏହି ନିଯୁକ୍ତିକୁ ଯେକୌଣସି ସମୟରେ ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

୮ - ଆବେଦନ ପତ୍ର A4 Size ସାଧା କାଗଜରେ ଲେଖି ଆବେଦନ କରିବେ । ଏଥି ସହିତ ଜନ୍ମ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର , Vote ID ର ଜେରକ୍ସ କପି ଓ Aadhaar Cardର ଜେରକ୍ସ କପି ସଂଯୁକ୍ତ କରିବେ ।

୯- ଆବେଦନ ଫର୍ମର ନମୁନା:- କ) ଆବେଦନକାରୀଙ୍କ ନାମ ଖ) ସଂପୂର୍ଣ୍ଣ ଠିକଣା ଗ) ପିତାଙ୍କ ନାମ ଘ) ମୋବାଇଲ୍ ନଂ ଙ) ଆବେଦନକାରୀଙ୍କ ସଂପୂର୍ଣ୍ଣ ସାକ୍ଷର ।

Sd/- 12/10/2022

କାର୍ଯ୍ୟନିର୍ବାହୀ ଅଧିକାରୀ
ମା'ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

ଜ୍ଞାପକ ସଂଖ୍ୟା 445(ସ୍ତି) ତା 12.10.2022

ଏହାର ଏକକିତା ନକଲ ତହସିଲଦାର, ଘଟଗାଁ/ ବି.ଡି.ଓ., ଘଟଗାଁଙ୍କ ଅବଗତି ଓ ଏହି ନୋଟିସ୍ ତାଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଟାଙ୍ଗିବା ନିମନ୍ତେ ଅନୁରୋଧ କରାଯାଇ ପ୍ରେରଣ କରାଗଲା ।

Sd/- 12/10/2022

କାର୍ଯ୍ୟନିର୍ବାହୀ ଅଧିକାରୀ
ମା'ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।